**ଶିଶୁ ଶ୍ରମିକ ଉଦ୍ଧାର**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): ତାଳଚେର ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର କଣିହାଁ ଏନ୍‌ଟିପିସି ଅଞ୍ଚଳରେ ଚଢ଼ାଉ କରାଯାଇ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ଶିଶୁ ଶ୍ରମିକଙ୍କୁ ଅନୁଗୋଳ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷଙ୍କ ନିକଟରେ ହାଜର କରାଯାଇଥିଲା। ଏହି ଚଢ଼ାଉରେ ତାଳଚେର ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର, ଆସିଷ୍ଟାଣ୍ଟ ଲେବର ଅଫିସର ବିପୁଲ ସୁନ୍ଦର୍ ସାହୁ ଉପସ୍ଥିତ ଥିଲେ।

# ବିସ୍ଥାପିତଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା

## ଏମ୍‌ସିଏଲ୍‌ର ଆର୍‌ପିଡିଏସି ବୈଠକ

**ଅନୁଗୋଳ,୧୫।୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଇଲା ଖଣି ସଂସ୍ଥା (ଏମ୍‌ସିଏଲ୍)ର ୧୩ତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ଆର୍‌ପିଡିଏସି) ବୈଠକ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଆର୍‌ପିଡିଏସିର ଅଧକ୍ଷ ଶ୍ରୀକାନ୍ତ ପୃଷ୍ଟି ଅଧକ୍ଷତା କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ଓ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧକ୍ଷା ସୁମିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଆର୍‌ପିଡିଏସି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଜିଲାପାଳ ମହମ୍ମଦ ଅବଦଲ ଅଖତାର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ୩୧ ଅଗଷ୍ଟ ୨୦୨୧ରେ ଅନୁଷ୍ଠିତ ବୈଠକର ବିବରଣୀକୁ ଅନୁମୋଦନ କରାଯିବା ସହ ବିସ୍ଥାପିତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଓ ସମାଧାନକୁ ନେଇ ଆଲୋଚନା ହୋଇଥିଲା। ଏମ୍‌ସିଏଲ୍ ଦ୍ୱାରା ବିସ୍ଥାପିତ ହୋଇଥିବା ସମସ୍ତ ପରିବାରକୁ କ୍ଷତିପୂରଣ ବଣ୍ଟନ, ନିଯୁକ୍ତି ପ୍ରଦାନ, ଦେୟମୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ଏମ୍‌ସିଏଲ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ତାଳଚେର ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବା ସହ ଠିକ ସମୟରେ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ଏମ୍‌ସିଏଲ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ଖନନ ଶେଷ ହୋଇଥିବା ଖଣିଗୁଡ଼ିକୁ ବାଲିରେ ପୋତିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରତାପ ପ୍ରୀତିମୟ, ଡିଏଫଓ (ଟେରିଟୋରିଆଲ) ବିବେକ କୁମାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକ୍ରମ କେଶରୀ ଭୋଇ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ, ବିସ୍ଥାପିତ ଗ୍ରାମବାସୀଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ ଓ ଖୁଲୁ ପରିଡା, ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଚିତ୍ତ ରଞ୍ଜନ ପ୍ରଧାନ ଓ ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏମ୍‌ସିଏଲ୍ ପକ୍ଷରୁ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଉଲେ, ମହାପ୍ରବନ୍ଧକ (ଭୂ ରାଜସ୍ୱ) ପ୍ରଦୀପ କୁମାର ମିଶ୍ର, ନିର୍ଦ୍ଦେଶକ କେଶବ ରାଓ ଓ ଯୁଗଳ କୁମାର ବୋରା, ସାଧାରଣ ପରିଚାଳକ ଅଶୋକ କୁମାର ଧଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

# ଶିଳ୍ପ ଧର୍ମଘଟ, ଗ୍ରାମୀଣ ବନ୍ଦକୁ ସଫଳ କରିବାକୁ ଆହ୍ୱାନ

**ଅନୁଗୋଳ, ୧୫।୨ (ଅମିତ କୁମାର ସାମଲ)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ଚାଷୀ ସଙ୍ଗଠନର ମିଳିତ ମଞ୍ଚ (ଏସ୍‌କେଏମ୍) ପକ୍ଷରୁ ଆସନ୍ତା ୧୬ ତାରିଖରେ ସାରାଦେଶରେ ଗ୍ରାମୀଣ ବନ୍ଦ ଓ ଶିଳ୍ପ ଧର୍ମଘଟ ସଫଳ କରିବା ପାଇଁ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଗୁରୁବାର ଅନୁଗୋଳ ସହର ସମେତ ଶିଳ୍ପ ସଂସ୍ଥା ଓ ଗ୍ରାମଗୁଡ଼ିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯିବା ସହ ପୁରୁଣା ବସ୍ ଷ୍ଟାଣ୍ଡଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଶେଷକରି ଚାଷୀ ଉତ୍ପାଦିତ ଦ୍ରବ୍ୟଗୁଡ଼ିକରେ ଏମ୍‌ଏସ୍‌ପିକୁ ଆଇନ୍ ସମ୍ମତ କରିବା, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ବିଦ୍ୟୁତ୍ ଆଇନ୍-୨୦୨୩କୁ ବାତିଲ୍, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ, ପୁରୁଣା ପେନ୍‌ସନ୍ ସ୍କିମ୍ ଲାଗୁ ଆଦି ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏଆଇକେକେଏମ୍‌ଏସ୍ ଜିଲା ସଭାପତି ସୁବାସ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସିଆଇଟିୟୁ ନେତା ଉପେନ୍ଦ୍ର ଶର୍ମା, ଏଆଇସିସିଟିୟୁ ନେତା ତପନ ମହାନ୍ତି, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ କରିଥିଲେ।

# କଣିହାଁ, ପାଲଲହଡ଼ାରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପିତ



**କଣିହାଁ,୧୫।୨(ସଚ୍ଚିଦାନନ୍ଦ ପ୍ରଧାନ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)**

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପାର୍ଶ୍ୱରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। କଣିହାଁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ଉପଖଣ୍ଡ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ନିର୍ମଳ ସାହୁ ଯୋଗ ଦେଇଥିଲେ। ବିଡିଓ ଦେବଦତ୍ତ ପ୍ରଧାନ ସଂଯୋଜନା କରିଥିଲେ। ସେହିପରି ପାଲଲହଡ଼ା ଉପଖଣ୍ଡ ରାମମନ୍ଦିର ଛକଠାରେ ନିର୍ମିତ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଏହି ଅବସରରେ ପାଲଲହଡ଼ାଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସୁଶାନ୍ତ କୁମାର ପତି, ବ୍ଲକ ଅଧକ୍ଷା ରୀନାରାଣୀ ନାୟକ, ବିଡିଓ ଦିଲୀପ କୁମାର ବାଡ଼ା, ତାଳଚେର ପରିବହନ ଅଧିକାରୀଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ପାଲଲହଡ଼ା ଠାରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ଅବସରରେ ବିଧାୟକଙ୍କ ସହିତ ଅନ୍ୟମାନେ।

# ୨୨ରୁ ଅଙ୍ଗାରବନ୍ଧରେ ମାଘମେଳା

**ଅନୁଗୋଳ,୧୫।୨ (ଅମିତ କୁମାର ସାମଲ)**

ଆସନ୍ତା ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଗୋଳର ଅଙ୍ଗାରବନ୍ଧ ଠାରେ ମାଘମେଳା ଓ ମହିମା ମହୋତ୍ସବ ଆରମ୍ଭ ହେବ। ଏଥିନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସଫଳ କରିବା ସହ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ଅଗ୍ନି ନିରାପତ୍ତା, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟବସ୍ତୁକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱ ଭୂଷଣ, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଅଗ୍ନିଶମ ଅଧିକାରୀ କରୁଣାକର ସାମଲ, ଏସ୍‌ଡିଓ (ବିଦ୍ୟୁତ୍) ସୁନୀଲ କୁମାର ନନ୍ଦ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଆଲୋକ ମହିମା ଧାମ ପରିଚାଳନା କମିଟି ସଭାପତି ଲୋକନାଥ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ବାବା ବୈଷ୍ଣବ ଚରଣ ଦାସ, ସଦସ୍ୟ ଅଷ୍ଟମୀ ସାହୁ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ ଓ ସମିତି ସଭ୍ୟ ସୁଜାତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଅନ୍ୟମାନେ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପାଲଲହଡ଼ା,୧୫।୨(ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ଯୋକପାଣି ଗ୍ରାମରେ ଦିବ୍ୟ ଜନନୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବସନ୍ତ ପ୍ରଧାନ, ରୋହିତାଶ୍ୱ ଦାସ,ରଞ୍ଜନ ବାରିକ ଉପସ୍ଥିତ ଥିଲେ। ମୋଟ ୮ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ କେନ୍ଦୁଝର ଜିଲାର ଭୀମକାଣ୍ଡ ଚାମ୍ପିୟନ ଓ ଅନୁଗୋଳର ଝିମିରିପାଲି ରନର୍ସଅପ୍ ହୋଇଥିଲେ। ଅତିଥିମାନେ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବାବୁଲା ପ୍ରଧାନ, ରାକେଶ ଦାସ, ଉତ୍କଳ ପ୍ରଧାନ, ଦୋଳ ବାରିକ ଏହି ଖେଳ ପରିଚାଳନା କରିଥିଲେ। ଦିବ୍ୟ ଜନନୀ ଯୁବକ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ବୈଠକ



**ଅନୁଗୋଳ,୧୫।୨ (ଅମିତ କୁମାର ସାମଲ)**

ଚଳିତ ବର୍ଷ ଅନୁଗୋଳ ଜିଲାରେ ଆୟୋଜିତ ହେବାକୁ ଥିବା ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ପରୀକ୍ଷା କେନ୍ଦ୍ରର ପରିଚାଳକ ତଥା ପ୍ରଧାନ ଶିକ୍ଷକ ଏବଂ ନୋଡାଲ ସେଣ୍ଟର ପରିଚାଳକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ପରିଚାଳନା ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଯୋଗଦେଇ ମାଧ୍ୟମିକ ଶିକ୍ଷା ପରିଷଦର ମାର୍ଗଦର୍ଶିକା ଅନୁଯାୟୀ କିପରି ଦଶମ ବୋର୍ଡ ପରୀକ୍ଷା ସ୍ୱଚ୍ଛ ଓ ନିର୍ଭୁଲ୍ ଭାବେ ପରିଚାଳନା କରାଯାଇପାରିବ ଏଥିନିମନ୍ତେ ବିସ୍ତୃତ ଭାବେ ବୁଝାଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ପ୍ରଶ୍ନପତ୍ର ଖୋଲିବାର ଠିକ ସମୟ ଓ ପ୍ରକ୍ରିୟା, ପରୀକ୍ଷାର୍ଥୀମାନଙ୍କ ପାଇଁ ପାନୀୟ ଜଳର ବନ୍ଦୋବସ୍ତ, ପୃଥକ ଶୌଚାଳୟ ବ୍ୟବସ୍ଥା ଏବଂ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟସୀମା ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଖମାର ଗ୍ରାମରେ ଦନ୍ତା ଉପଦ୍ରବ

**ଛେଣ୍ଡିପଦା,୧୫।୨(ଅଜିତ ଧଳ)**

ଛେଣ୍ଡିପଦା ବନାଞ୍ଚଳ ଖମାର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଉପଦ୍ରବ କରିଥିଲା। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ। ଘଟଣାରୁ ଜଣାପଡ଼ିଛି, ବିଳମ୍ବିତ ରାତିରେ ଗ୍ରାମ ରାସ୍ତାରେ ଏକ ଦନ୍ତାହାତୀ ଆସି ଚନ୍ଦନ ପୋଖରୀଠାରେ ଥିବା ତାରବାଡ ଭାଙ୍ଗି ଦେଇଥିଲା। ଗ୍ରାମବାସୀ ପାଟି କରିବାରୁ ହାତୀଟି ଜଙ୍ଗଲ ଆଡ଼କୁ ମୁହାଁଇଥିଲା। ଏହାର କିଛି ସମୟ ପରେ ପୁନର୍ବାର ହାତୀଟି ଗ୍ରାମ ନିକଟକୁ ଚାଲି ଆସିଥିଲା। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ହାତୀଟି ଗୁରୁବାର ଦିନ ତମାମ ଖମାର ଗଡଭିତର ସାହିର ଅରାଚୁଆ ନିକଟସ୍ଥ ନିମ୍ବନାଳ ତାଳ ଗଛ ନିକଟରେ ରହିଥିଲା। ହାତୀକୁ ଦେଖିବା ପାଇଁ ବାଗଡିଆ ଓ ଖାମର ଗ୍ରାମର ବହୁ ଲୋକଙ୍କ ଭିଡ଼ ଜମିଥିଲା। ବନବିଭାଗ ଗୁରୁବାର ସନ୍ଧ୍ୟାରେ ହାତୀକୁ ଘଡାଇବା ପାଇଁ ଡ୍ରୋନ୍ ମାଧ୍ୟମରେ ହାତୀ ଗତିବିଧି ଉପରେ ଲକ୍ଷ୍ୟ ରଖିବା ସହ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛି।



# ୨୦୨୨-୨୩ ବର୍ଷ ପାଇଁ ଏନ୍‌ଟିପିସି କଣିହାଁକୁ ପୁରସ୍କାର



**କଣିହାଁ,୧୫।୨(ସଚ୍ଚିଦାନନ୍ଦ ପ୍ରଧାନ)**

ଦେଶର ସମସ୍ତ ଏନ୍‌ଟିପିସି ଷ୍ଟେଶନ ମଧ୍ୟରେ ଅନୁଗୋଳ ଜିଲା କଣିହାଁ ପାୱାର ଷ୍ଟେଶନ ୨୦୨୨-୨୩ ବର୍ଷ ପାଇଁ ୨ଟି ବର୍ଗରେ ଏନ୍‌ଟିପିସି ପୁରସ୍କାର ଲାଭ କରିଛି। କଣିହାଁସ୍ଥିତ ଏନ୍‌ଟିପିସିକୁ ସମ୍ମାନଜନକ ଏନ୍‌ଟିପିସି ସ୍ୱର୍ଣ୍ଣ ଶକ୍ତି ଓଭରଅଲ ଚାମ୍ପିୟନ ପୁରସ୍କାର ଓ ମାନବ ସମ୍ବଳ ପରିଚାଳନାରେ ଏନ୍‌ଟିପିସି ସ୍ୱର୍ଣ୍ଣ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତିବର୍ଷ ବିଭିନ୍ନ ବର୍ଗରେ ଦେଶର ଏନ୍‌ଟିପିସି ପାୱାର ଷ୍ଟେଶନ/ପ୍ରକଳ୍ପ ଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଏଥିସହିତ ଏନ୍‌ଟିପିସି ପ୍ଲାଣ୍ଟ ବ୍ୟବସାୟ ଦୃଷ୍ଟିରୁ ୨୦୨୩-୨୪ ବର୍ଷ ପାଇଁ ଓଭରଅଲ ଏକ୍ସସେଲେନ୍ସ ଆୱାର୍ଡ ହାସଲ କରିଛି। ରାୟପୁରରେ ଗତ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଅଲ୍ ଇଣ୍ଡିଆ ପାୱାରଷ୍ଟେଶନ ସମ୍ମିଳନୀ ଅବସରରେ ଏନ୍‌ଟିପିସି ସିଏମ୍‌ଡି ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କଠାରୁ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ ସେହଗଲ୍, ଆରଇଡି ସୁଦୀପ ନାଗ ପୁରସ୍କାର ଗ୍ରହଣ କରିଥିଲେ।

# ସରକାରୀ ଯୋଜନା ସମ୍ପର୍କରେ ସଚେତନତା

**ଆଠମଲ୍ଲିକ,୧୫।୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ନଅଗାଁ, ଆନ୍ଧସରମୁଣ୍ଡା ଓ କୃତିବାସପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନଅଗାଁ ପଞ୍ଚାୟତରେ ସରପଞ୍ଚ ସ୍ନିଗ୍ଧା ଦେହୁରୀ, ସମିତି ସଭ୍ୟା ପ୍ରତିମା ଦେହୁରୀ, ନିର୍ବାହୀ ଅଧିକାରୀ ଦୁଃଶାସନ ସାହୁ, ଆନ୍ଧସରମୁଣ୍ଡା ପଞ୍ଚାୟତରେ ସରପଞ୍ଚ ସସ୍ମିତା ସେଠୀ, ନିର୍ବାହୀ ଅଧିକାରୀ ପ୍ରକାଶ ପ୍ରଧାନ, ଜିଆର୍‌ଏସ୍ ନଚିକେତା ପ୍ରଧାନ, କୃତିବାସପୁର ପଞ୍ଚାୟତରେ ସରପଞ୍ଚ ଜୟନ୍ତ କୁମାର ସାହୁ, ସମିତି ସଭ୍ୟ ବବିତା ପ୍ରଧାନ, ଜିଆର୍‌ଏସ୍ ପ୍ରଫୁଲ୍ଲ ମିଶ୍ର, ନିର୍ବାହୀ ଅଧିକାରୀ ନିରଞ୍ଜନ ଦେହୁରୀଙ୍କ ମିଳିତ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଶନ ଶକ୍ତି, କୃଷି, ଜଙ୍ଗଲ, ମତ୍ସ୍ୟ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କେନ୍ଦୁପତ୍ର, ସାମାଜିକ ସୁରକ୍ଷା, ପଞ୍ଚାୟତିରାଜ ଆଦି ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କୁ ବିଭାଗୀୟ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଏବିଡିଓ ଜ୍ୟୋତି ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁତୀକ୍ଷ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ସମସ୍ୟାର ସମାଧାନ ପାଇଁ ଦାବିପତ୍ର


ଉପଜିଲାପାଳଙ୍କୁ ସରପଞ୍ଚ ଦ୍ୱୟ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଆଠମଲ୍ଲିକ,୧୫।୨ (ଉଦୀପ୍ତ ପୁରୋହିତ)**

ବ୍ଲକ ପ୍ରଶାସନ ଅସହଯୋଗ କରୁଥିବା ନେଇ ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତର ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ ଓ ଅଏଡା ପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀ ଗୁରୁବାର ଅଭିଯୋଗ କରିଛନ୍ତି। ଦୁହେଁ ସ୍ଥାନୀୟ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କୁ ଦାବିପତ୍ର ଦେଇଛନ୍ତି। ଉକ୍ତ ୫ଦଫା ସମ୍ବଳିତ ଦାବିପତ୍ରରେ ଦର୍ଶାଯାଇଛି, ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରାଯାଇଥିଲେ ସୁଦ୍ଧା ବିଲ କରାଯାଉ ନାହିଁ। ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ହଇରାଣ କରାଯାଉଛି। ପୁରୀ ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଯିବା ପାଇଁ ସରପଞ୍ଚଙ୍କୁ ସହଯୋଗ କରାଯାଉ ନାହିଁ। ପଞ୍ଚାୟତର ଅନେକ ଗ୍ରାମକୁ ଗମନା ଗମନ ପାଇଁ ସଡ଼କ ନିର୍ମାଣ କରାଯାଉ ନାହିଁ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉଭୟ ସରପଞ୍ଚ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା ପୋର୍ଟାଲରେ ଜିଓ ଟ୍ୟାଗ୍ କଲେ ସମସ୍ତେ ସବୁକିଛି ଜାଣିପାରିବେ। ଏଥିରେ କୌଣସି ପ୍ରକାରର ବ୍ୟତିକ୍ରମ ହୋଇପାରିବ ନାହିଁ।

# ୯୦ ହଜାର ଟଙ୍କା ଲୁଟ୍

**ଛେଣ୍ଡିପଦା,୧୫।୨(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଜମୁନାଳି ଛକ ନିକଟରେ ଜଣେ ମେଡିସିନ ପ୍ରତିନିଧିଙ୍କଠାରୁ ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅନୁଗୋଳରେ ଥିବା ଏକ ମେଡିସିନ ହୋଲସେଲ୍‌ର ସଂସ୍ଥାରେ ଅନୁଗୋଳ ଆଙ୍କୁଲ ଅଞ୍ଚଳର ମିଳନ ଜ୍ୟୋତି ସାହୁ ମେଡିସିନ ପ୍ରତିନିଧି ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଗୁରୁବାର ବଇଣ୍ଡା ଅଞ୍ଚଳକୁ ଆସି ମେଡିସିନ ଟଙ୍କା ଆଦାୟ କରି ଅନୁଗୋଳ ଫେରନ୍ତି। ଗୁରୁବାର ମଧ୍ୟାହ୍ନରେ ମିଳନ ବଇଣ୍ଡା ଅଞ୍ଚଳରୁ ମେଡିସିନ ଟଙ୍କା ଆଦାୟ କରି ଅନୁଗୋଳ ଫେରୁଥିବାବେଳେ ଜମୁନାଳି ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ୯୦ହଜାର ଟଙ୍କା ଲୁଟି ନେଇ ପଳାଇ ଯାଇଥିଲେ। ମିଳନଙ୍କ ଅଭିଯୋଗକ୍ରମେ ଜରପଡା ପୋଲିସ ନଂ. ୪୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲା କାୟାକଳ୍ପ ଟିମ୍

**ଅନୁଗୋଳ, ୧୫।୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ପରିଦର୍ଶନ କରିଛି କାୟାକଳ୍ପ ଟିମ୍। ଏଥିସହ ଏହି ଟିମ୍ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଅନୁଧ୍ୟାନ କରିଛନ୍ତି। କାୟାକଳ୍ପର ୩ ଜଣିଆ ଏହି ଟିମ୍‌ରେ ଡାକ୍ତର ଶୁଭ୍ରଜ୍ୟୋତି ରାଓଙ୍କ ସହିତ ବସନ୍ତ କୁମାର ସାହୁ ଓ ସମରେଶ୍ୱର ସାହୁ ଏହି ପରିଦର୍ଶନ କରିଥିଲେ। ଉକ୍ତ ଟିମ୍‌ର ଏହି ପରିଦର୍ଶନ ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ କାୟାକଳ୍ପର ୩ ଜଣିଆ ଟିମ୍ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଟ୍ରେନିଂ ହଲ୍ ଠାରେ ୨୩ ମିନିଟ୍‌ର ଏକ ଭିଡିଓ କ୍ଲିପ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ କିଭଳି ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି, ସେ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। କାୟାକଳ୍ପ ଟିମ୍ ମହିଳାଙ୍କ ପ୍ରସବ ଗୃହକୁ ଯାଇ ପରିଚ୍ଛନ୍ନତା ତଦାରଖ କରିବା ସହ ଚିକିତ୍ସା ସେବାର ଅନୁଧ୍ୟାନ କରିଥିଲେ। ପରେ ଏସ୍‌ଏନ୍‌ସିୟୁ ଓ ପ୍ରସୂତି ଅସ୍ତ୍ରୋପ୍ରଚାର ଗୃହ ପରିଦର୍ଶନ କରିଥିଲେ। ମିଶନ ଶକ୍ତି କାଫେ, ପାଥୋଲୋଜି ଓ ହରବାଲ୍ ଗ୍ୟାର୍ଡେନ୍ ବୁଲି ଦେଖିଥିଲେ। ଏହାପରେ ବାୟୋୱେଷ୍ଟ ମ୍ୟାନେଜମେଣ୍ଟ ସେଣ୍ଟର, ଓପିଡି, ଏକ୍ସ-ରେ ବିଭାଗ ପରିଦର୍ଶନ କରିଥିଲେ। ଶେଷରେ ମେଡିକାଲ ପ୍ରଶାସନିକ କାର୍ଯ୍ୟାଳୟରେ ରେଜିଷ୍ଟର ତଦାରଖ କରିଥିଲେ। ଅଳ୍ପ କେତୋଟି ବିଷୟକୁ ବାଦ୍‌ଦେଲେ ମୋଟାମୋଟି ଉପରେ କାୟାକଳ୍ପ ଟିମ୍ ସନ୍ତୁଷ୍ଟ ଥିବା କଥା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାପରେ ଉକ୍ତ ଟିମ୍ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ କିଭଳି ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ସେ ନେଇ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ଆସନ୍ତା ସୋମବାର ପର୍ଯ୍ୟନ୍ତ ଜିଲାରେ ରହି ବିଭିନ୍ନ ଉପଖଣ୍ଡ ଚିକିତ୍ସାଳୟ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି।

## ଟିମ୍ ଗଲା ପରେ ତାଲା



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅନୁଧ୍ୟାନ ପାଇଁ କାୟାକଳ୍ପ ଟିମ୍ ଆସୁଥିବାରୁ ମେଡିକାଲ କର୍ତ୍ତୃପକ୍ଷ ବେଶ୍ ତତ୍ପର ହୋଇଉଠିଥିଲେ। ଏପରି କି ଯେମିତି ହେଲେ ଟିମ୍ ସଦସ୍ୟମାନଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହି ସମୟରେ ମେଡିକାଲର ପଛପାର୍ଶ୍ୱ ଫାଟକକୁ ଖୋଲି ଦିଆଯାଇଥିଲା। ରୂପାନ୍ତୀକରଣ କାର୍ଯ୍ୟ ପାଇଁ ୩ ମାସ ହେବ ଏହି ଫାଟକ ବନ୍ଦ ରହିଥିଲା। କାର୍ଯ୍ୟ ଶେଷ ହୋଇଥିଲେ ବି ଉଦ୍‌ଘାଟନ ହୋଇ ନ ଥିବାରୁ ଏହା ସାଧାରଣଙ୍କ ପାଇଁ ଖୋଲାଯାଇ ନ ଥିଲା। କିନ୍ତୁ କାୟାକଳ୍ପ ଟିମ୍ ଆସିବା ପୂର୍ବରୁ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ଗେଟ୍‌କୁ ଖୋଲା ରଖିଥିଲେ। ପରିଦର୍ଶନ କରି କାୟାକଳ୍ପ ଟିମ୍ ଫେରିଯିବା ପରେ ଉକ୍ତ ଫାଟକରେ ପୁଣି ମେଡିକାଲ କର୍ତ୍ତୃପକ୍ଷ ତାଲା ଠୁଙ୍କି ଦେଇଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା।

**ସ୍କୁଲ ବସ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ**

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ନିଶା ଶିକ୍ଷାଞ୍ଚଳ ଥାନା ରାଇଝରଣ ଗ୍ରାମରେ ଗୁରୁବାର ରାତିରେ ଏକ କମ୍ପାନୀର ସ୍କୁଲ୍ ବସ୍ ଚାଳକ କୋଶଳା ଗ୍ରାମର ପ୍ରତାପ ସାହୁଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାନ୍ତକ ଆକ୍ରମଣ କରିଛନ୍ତି। ପ୍ରତାପଙ୍କୁ ଗୁରୁତର ଅବସ୍ଥାରେ କୋଶଳା ଗ୍ରାମବାସୀ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଛନ୍ତି।

# ଗୁରୁତ୍ୱ ହରାଉଛି ଜିଲା ସଡ଼କ ସୁରକ୍ଷା କମିଟି

ଢେଙ୍କାନାଳ,୧୫।୨(ରତନ ନାୟାର)



୫୫ନଂ ଜାତୀୟ ରାଜପଥ।

ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନ ଅନୁଯାୟୀ ଦୁର୍ଘଟଣା ସହ ମୃତ୍ୟୁ ସଂଖ୍ୟା ହ୍ରାସ ନିମନ୍ତେ ପ୍ରତ୍ୟେକ ଜିଲାରେ ସଡ଼କ ସୁରକ୍ଷା କମିଟି ଗଠନ କରି ମାସିକ ସମୀକ୍ଷା ବୈଠକ କରାଯିବାର ନିୟମ ରହିଛି। ତଦନୁଯାୟୀ ଢେଙ୍କାନାଳ ଜିଲାରେ ମଧ୍ୟ ସଡ଼କ ସୁରକ୍ଷା କମିଟି ଗଠନ କରାଯାଇଛି। ଏହି କମିଟିର ବୈଠକ ପ୍ରତି ମାସରେ ମଧ୍ୟ ବସୁଛି। ହେଲେ ଉକ୍ତ ବୈଠକରେ କମିଟିର ଅନେକ ସଦସ୍ୟ ଉପସ୍ଥିତ ରହୁ ନ ଥିବାରୁ ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ଦିଗରେ ସମ୍ପୃକ୍ତ ସଦସ୍ୟମାନଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ଜିଲାପାଳ ରହିଥିବା ବେଳେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଦସ୍ୟ ସଚିବ ରହିଛନ୍ତି। ଏହି କମିଟିରେ ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସମସ୍ତ ଉପଜିଲାପାଳ, ସମସ୍ତ ଏସ୍‌ଡିପିଓ, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ, ଗ୍ରାମ୍ୟ ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ଟାଉନ ଥାନା ଅଧିକାରୀଙ୍କ ସମେତ ବସ୍, ଟ୍ରକ୍ ଆସୋସିଏଶନ କର୍ମକର୍ତ୍ତା, ଖବରଦାତାମାନେ ସଦସ୍ୟ ରହିଛନ୍ତି। କିନ୍ତୁ ଗତ ୨ ମାସରେ ଅନୁଷ୍ଠିତ ହୋଇଯାଇଥିବା ୨ଟି ବୈଠକରେ ସଦସ୍ୟ ଥିବା ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ସୂଚନା ପାଇ ମଧ୍ୟ ଅନୁପସ୍ଥିତ ରହିଥିବା ଦେଖାଯାଇଛି। ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ସଡ଼କ ସୁରକ୍ଷା କମିଟି ବୈଠକରେ ଏହାକୁ ନେଇ ଅନ୍ୟ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟକ୍ରମକୁ ନ ଦେଖି ବୈଠକ ତାରିଖ ସ୍ଥିର କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଗୁରୁବାର ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଜିଲାପାଳଙ୍କ ସମେତ ସଦସ୍ୟ ଥିବା ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସମସ୍ତ ଉପଜିଲାପାଳ, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଟାଉନ ଥାନା ଅଧିକାରୀ ଏବଂ ଟ୍ରକ୍ ଓ ବସ୍ ଆସୋସିଏଶନ କର୍ମକର୍ତ୍ତାମାନେ ଅନୁପସ୍ଥିତ ରହିଥିଲେ। କମିଟିକୁ ସଦସ୍ୟମାନଙ୍କୁ ନେଇ କରାଯାଇଥିବା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ବହୁ ପୂର୍ବରୁ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଥିଲେ ମଧ୍ୟ ଏହାକୁ ସଦସ୍ୟ ଥିବା ସରକାରୀ ଅଧିକାରୀମାନେ ଅଣଦେଖା କରୁଥିବା ଏଥିରୁ ସ୍ପଷ୍ଟ ଅନୁମେୟ। ଏପରି କି କେତେଜଣ ଅଧିକାରୀ ନିଜେ ନ ଆସି ସେମାନଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଉପସ୍ଥାନ ପାଇଁ ପଠାଇ ଦେଉଥିବା ଦେଖିବାକୁ ମିଳିଛି। ଗୁରୁବାର ଅନୁଷ୍ଠିତ ଏହି ବୈଠକ ମାତ୍ର ଅଧ ଘଣ୍ଟାରେ ଶେଷ ହୋଇଥିଲା। ବୈଠକ ଡାକୁଥିବା କମିଟିର ସଦସ୍ୟ ସଚିବ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିଜେ ଅନୁପସ୍ଥିତ ରହିବା ଆଲୋଚନାର ବିଷୟ ହୋଇଥିଲା। ସୂଚନା ଅନୁଯାୟୀ, ୨୦୨୩ ଡିସେମ୍ବରରେ ଜିଲାରେ ୩୪ଟି ଦୁର୍ଘଟଣା ଘଟି ୨୫ଜଣ ଆହତ ହୋଇଥିବା ବେଳେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ୨୦୨୪ ଜାନୁଆରୀ ଶେଷ ସୁଦ୍ଧା ୪୨ଟି ଦୁର୍ଘଟଣାରେ ୩୩ଜଣ ଆହତ ଓ ୨୨ଜଣଙ୍କ ମୃତ୍ୟୁ ହୋଇଥିବା ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜିଲାରେ ଦୁର୍ଘଟଣା ବଢୁଥିବାରୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ମଧ୍ୟ ଏହି ବୈଠକକୁ ହେୟଜ୍ଞାନ ମନେ କରୁଛନ୍ତି। ବୈଠକକୁ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ କିମ୍ବା ଅଧିକାରୀ ନ ଆସି କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଜଣେ କର୍ମଚାରୀଙ୍କୁ ପଠାଇ ଦେଇଥିବାରୁ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକକୁ ଅନେକ ସଦସ୍ୟ ଆସୁ ନ ଥିବାରୁ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରସା ଦିଗରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ପାରୁନାହିଁ। ଜିଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ପାଇଁ ସଦସ୍ୟମାନେ ମତ ଉପସ୍ଥାପନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ୫୩ନଂ ଜାତୀୟ ରାଜପଥରେ ତାଳଚେର ବହ୍ଲର ଛକ ଓ ଢେଙ୍କାନାଳ ଜିଲାର ସରାଙ୍ଗଠାରେ ଥିବା ବ୍ରାହ୍ମଣୀ ନଦୀ ଉପରେ ବହୁ ପୁରାତନ ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ସମ୍ପର୍କରେ ଆଲୋଚନା କରାଯାଇ ଏ ସମ୍ପର୍କରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମୋଟର ଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସଦସ୍ୟ ପ୍ରଦ୍ୟୁମ୍ନ ରଥ, ସତ୍ୟସ୍ୱରୂପ ଦାସ, ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ସାହୁ, ଟ୍ରାଫିକ ଏସ୍‌ଆଇ ମାଧବ ନାୟକ, ଜାତୀୟ ରାଜପଥ ୫୫ନଂ.ର ଠିକାସଂସ୍ଥା ଏମ୍‌ଏସ୍‌ଆଇଏଲ୍‌ର ଡିପିଏମ୍ ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

- ବୈଠକକୁ ସରକାରୀ ଅଧିକାରୀଙ୍କ ବେଖାତିର
- ଅସନ୍ତୋଷ ବ୍ୟକ୍ତ କଲେ ସଦସ୍ୟ
- ଜାନୁଆରୀରେ ୪୨ ଦୁର୍ଘଟଣାରେ ୨୨ଜଣଙ୍କ ମୃତ୍ୟୁ

## ବାସନ୍ତୀ ଭଲିବଲ ଟ୍ରଷ୍ଟ ଚାମ୍ପିୟନ

ଛେଣ୍ଡିପଦା,୧୫।୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗାଁରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଚେୟାରମ୍ୟାନ ସୁମିତ୍ରା ସାହୁ ଓ ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ, ସନ୍ତରାବନ୍ଧ, କସିଡିହ, ପଥରମୁଣ୍ଡା, ଗୋବରା, ଟାଟା ଷ୍ଟିଲ, ବ୍ରାହ୍ମଣବିଲ ଆଦି ଟିମ୍ ଭାଗ ନେଇଥିଲେ। ଦୁଇଟି ଗ୍ରୁପରେ ଗ୍ରୁପ ଚାମ୍ପିୟନ ହୋଇ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ଓ ସନ୍ତରାବନ୍ଧ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ୨-୧ ସେଟରେ ସନ୍ତରାବନ୍ଧକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଭାଜପା ନେତା ଚୌଧୁରୀ ପ୍ରଧାନ, ସନ୍ତରାବନ୍ଧ ଗାଁ ସଭାପତି ଆଦି ଅତିଥି ଭାବେ ଯୋଗ ଦେଇ ଖେଳାଳଙ୍କୁ ପୁରସ୍କୃତ କରିଥିଲେ। ଅନୁଗୋଳ ବାସନ୍ତୀ ଭଲିବଲ୍ ଟ୍ରଷ୍ଟର ବିବେକ ବେଷ୍ଟ ଆଟାକର, ସୁଶାନ୍ତ ବେଷ୍ଟ ଲିବେରୋ ଓ ସନ୍ତରାବନ୍ଧର ବ୍ରାମହାନନ୍ଦ ବେଷ୍ଟ ସେଟର ଭାବେ ପୁରସ୍କୃତ ହୋଇଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ରାସ୍ତାକଡ଼କୁ ଓଲଟିଲା ସ୍କୁଲ ଭ୍ୟାନ୍: ୫ ଆହତ

ପରଜଙ୍ଗ,୧୫।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପଙ୍ଗାତିରା-କମର ପୂର୍ତ୍ତ ବିଭାଗ ରାସ୍ତାର ଡିହଡୋଳ ଗାଁ ଆଶ୍ ଫାକ୍ଟ୍ରି ନିକଟରେ ଗୁରୁବାର ଏକ ସ୍କୁଲ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। କଙ୍କଡାସୋଡ଼ା ଗାଁରୁ ବାରିହାପୁର ଆଦର୍ଶ ବିଦ୍ୟାଳୟକୁ ଉକ୍ତ ସ୍କୁଲ ଭ୍ୟାନ୍‌ଟି ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ବାରିହାପୁର ଆଦର୍ଶ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଆହାତ ଛାତ୍ରୀଛାତ୍ରମାନେ ହେଲେ କଙ୍କଡା ଚନ୍ଦନ ରାଉଳ (୧୨), ଅନିତା ବିଶ୍ୱାଳ(୧୨), ଶୁକ୍ରୁ ଦେହୁରୀ(୧୫), ସୌଦ ସିଦ୍ଧି ବେହେରା(୧୧) ଓ ଶୁଭଶ୍ମିତ ବେହେରା(୧୩)। ସେମାନଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପରଜଙ୍ଗ ମେଡିକାଲରେ ସ୍ଥାନୀୟ ବିଧାୟକ ଡାକ୍ତର ନୃସିଂହଚରଣ ସାହୁ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, କଙ୍କଡାସୋଡା ସରପଞ୍ଚ ଦିବ୍ୟଭାରତୀ ସିଂହ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟଅବସ୍ଥା ପଚାରି ବୁଝିଥିଲେ। ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ପରଜଙ୍ଗ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।



## ଭାରତ ବନ୍ଦକୁ ଅନୁଗୋଳ ଜିଲା କଂଗ୍ରେସର ସମର୍ଥନ

ଅନୁଗୋଳ,୧୫।୨(ଅମିତ ସାମଲ)

ଆସନ୍ତା ୧୬ ତାରିଖରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ଅନୁଗୋଳ ଜିଲା କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ କରିଛି। ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲା କଂଗ୍ରେସ କମିଟି ସ୍ଥାନୀୟ କୃଷକ ସଂଗଠନମାନଙ୍କ ସହ ମିଶି ଭାରତ ବନ୍ଦକୁ ସଫଳ କରିବ। ସମସ୍ତ ସ୍କୁଲ, କଲେଜ, କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ବସ୍, ଟ୍ରକ୍ ଆଦି ଚଳାଚଳ, ଛୋଟ ବଡ ଦୋକାନ ବଜାର ଆଦି ସକାଳ ୬ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ଆହ୍ୱାନ ଦେଇଥିବା ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଗୋପାଳ ନାଥ ଜଣାଇଛନ୍ତି।

## ହିନ୍ଦୋଳରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ଢେଙ୍କାନାଳ,୧୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଆମ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଏନ୍‌ଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ବିନିତା ବିଜୟିନୀ, ତହସିଲଦାର ଦିଲୀପ କୁମାର ସେଠୀ, ପୌର ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସନଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।



ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଢେଙ୍କାନାଳ,୧୫।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ଆଞ୍ଚଳିକ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. କବିତା ମହାନ୍ତି ଯୋଗଦେଇ ବାଳିକାଙ୍କ ଆତ୍ମ ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ନିହାତି ଆବଶ୍ୟକତା ବୋଲି କହିଥିଲେ। ଶିବିର ଦାୟିତ୍ୱରେ ଥିବା ଖେଳ ଶିକ୍ଷକ ଗଣେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଭାବେ ରଶ୍ମିତା ବେହେରା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଇଂଲିଶ ଅଧ୍ୟାପକ ବନୋଜ କୁମାର ରାୟ ଧନ୍ୟବାଦ ଦେଇଥିଲେ।



ଆତ୍ମରକ୍ଷା ଶିବିରରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

## ସରସ୍ୱତୀ ପୂଜାରେ ରକ୍ତଦାନ ଶିବିର



ପରଜଙ୍ଗ,୧୫।୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ତଳବେରଣା ଗ୍ରାମରେ ବଜରଙ୍ଗୀ କ୍ଲବ ତରଫରୁ ସରସ୍ୱତୀ ପୂଜା ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଗୌତମ ପାଣି ଓ ଶିଶିର କୁମାର ପଣ୍ଡା ଯୋଗ ଦେଇଥିଲେ। ସେହିପରି ବଜରଙ୍ଗୀ କ୍ଲବ ପକ୍ଷରୁ ଦୁଇ ଦିନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ (କୁନି ପ୍ରବଚକ) ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗ ଦେଇଥିଲେ।

## ମିନତୀ ମିଶ୍ରଙ୍କ ସ୍ମୃତିଚାରଣ ସଭା

ଢେଙ୍କାନାଳ,୧୫।୨(ରତନ ନାୟାର)

ଢେଙ୍କାନାଳ ମହିଷାପାଟ ବାଜି ରାଉତ ଆଇଟିଆଇ ଅଞ୍ଚଳରେ ରହୁଥିବା ଧର୍ମ ପରାୟଣା ମହିଳା ମିନତୀ ମିଶ୍ରଙ୍କ ବିୟୋଗରେ ଗୁରୁବାର ତାଙ୍କର ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମିନତୀଙ୍କ ଆଦର୍ଶ, ପରୋପକାରିତା, ଦୃଢ଼ମନା ଓ ଗୁଣାବଳୀର ସ୍ମୃତିଚାରଣ କରି ତାଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ସାମାଜିକ କର୍ମୀ ଉଦୟନ୍ଦୁ ମିଶ୍ର, ମିନତୀଙ୍କ ସ୍ୱାମୀ ଅଜୟ କୁମାର ମିଶ୍ର ଓ ପୁତ୍ର ଡ. ଅମିତ କୁମାର ମିଶ୍ର ପ୍ରମୁଖଙ୍କ ସମେତ ଭୋଜଦେଇପୁର ଗ୍ରାମବାସୀ, ଆତ୍ମୀୟ ସ୍ୱଜନ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ।



## ପେଟ୍ରୋଲ ଟ୍ୟାଙ୍କରରେ ନିଆଁ

ଢେଙ୍କାନାଳ,୧୫।୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ ଜାତୀୟ ରାଜପଥର କଲେଜ ବାଇପାସ ଠାରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଏକ ପେଟ୍ରୋଲ ବୋଝେଇ କରି ଯାଉଥିବା ଟ୍ୟାଙ୍କର (ନଂ. ଡବ୍ଲ୍ୟୁବି ୨୯-ସି-୦୪୯୯)ରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ସେବା ସଂସ୍ଥା ଦଳ ନିଆଁକୁ ଆୟତ୍ତ କରିଥିଲେ। ଏ ସଂକ୍ରାନ୍ତରେ ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ ଧଳ ଆଇଓସିଏଲ୍ କମ୍ପାନୀ ଅଧିକାରୀ ଓ ସେଲ୍ସ ଅଧିକାରୀଙ୍କୁ ଏକ ବୈଷୟିକ ଦଳ ପଠାଇବାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ସେବା ସଂସ୍ଥା ଓ ପୋଲିସ ମଧ୍ୟ ଉପସ୍ଥିତ ଥିଲେ। ଅତ୍ୟଧିକ ଗରମ ଯୋଗୁ ଟ୍ୟାଙ୍କରର ପଛ ଚକାରେ ନିଆଁ ଲାଗିଥିଲା ବୋଲି ଅଗ୍ନିଶମ ସଂସ୍ଥା ପକ୍ଷରୁ ଜଣାପଡିଛି। ଟ୍ୟାଙ୍କରଟି ଜଟଣୀସ୍ଥିତ ତେଲ କମ୍ପାନୀରୁ ତାଳଚେର ଆଡକୁ ଯାଉଥିଲା।



## ୯୭ କେନ୍ଦ୍ରରେ ୧୬,୭୮୦ ପରୀକ୍ଷାର୍ଥୀ

ଢେଙ୍କାନାଳ,୧୫।୨(ରତନ ନାୟାର)

ଆସନ୍ତା ୨୦ ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା କରାଯିବ। ଚଳିତବର୍ଷ ଢେଙ୍କାନାଳ ଜିଲାରେ ମୋଟ ୯୭ଟି କେନ୍ଦ୍ରରେ ୧୬,୭୮୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତନ୍ମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀ ୧୬,୬୬୮ ଓ ଏକ୍ସ ରେଗୁଲାର ୩୪, ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟରେ ୬୭ ପରୀକ୍ଷାର୍ଥୀ ଏବଂ ମଧ୍ୟମାରେ ୧୧ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଜିଲାର ଭୁବନ ବ୍ଲକରେ ୧୧ଟି ପରୀକ୍ଷା କେନ୍ଦ୍ର, ଢେଙ୍କାନାଳରେ ୧୬, ଗଁଦିଆରେ ୧୩, ହିନ୍ଦୋଳରେ ୧୩, କାମାକ୍ଷାନଗରରେ ୧୨, କଙ୍କଡ଼ାହାଡ଼ରେ ୯, ଓଡ଼ାପଡ଼ାରେ ୧୩ ଓ ପରଜଙ୍ଗର ୧୦ଟି କେନ୍ଦ୍ରକୁ ମିଶାଇ ମୋଟ ୯୭ଟି କେନ୍ଦ୍ର ଜିଲାରେ କରାଯାଇଛି। ସେହିପରି ଜିଲାର ଦୁର୍ଗମ ଓ ଉତ୍ତେଜନା ପ୍ରବଣକେନ୍ଦ୍ର ସଂଖ୍ୟା ୫୦ ରହିଛି। ସେଥିରୁ ଭୁବନରେ ୪, ଢେଙ୍କାନାଳରେ ୯, ଗଁଦିଆରେ ୭, ହିନ୍ଦୋଳରେ ୫, କାମାକ୍ଷାନଗରରେ ୩, କଙ୍କଡାହାଡରେ ୬, ଓଡାପଡାରେ ୮ ଓ ପରଜଙ୍ଗରେ ୮ଟି ରହିଛି। ପ୍ରଶ୍ନପତ୍ର ରହିବା ପାଇଁ ୧୦ଟି ନୋଡାଲ ସେଣ୍ଟର କରାଯାଇଛି। ଢେଙ୍କାନାଳ ଓ କଙ୍କଡ଼ାହାଡ଼ ବ୍ଲକରେ ୨ଟି ଲେଖାଏ ରହିଥିବା ବେଳେ ବାକି ସମସ୍ତ ବ୍ଲକରେ ଗୋଟିଏ ଲେଖାଏ ନୋଡାଲ ସେଣ୍ଟର ରହିଛି। ଚଳିତବର୍ଷ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପରୀକ୍ଷା କେନ୍ଦ୍ର ମଧ୍ୟରେ ମୋବାଇଲ ଫୋନ ରଖିପାରିବେ ନାହିଁ। କେବଳ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ବ୍ୟବହାର କରିପାରିବେ। ସେ ପରୀକ୍ଷା ସମୟରେ ପରୀକ୍ଷା ପରିଚାଳନା ସମ୍ପର୍କିତ ସୂଚନା ଦେବା ପାଇଁ ମୋବାଇଲକୁ ସାଇଲେଣ୍ଟ ମୋଡରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବେ। ସେହିପରି କପି ରୋକିବା ପାଇଁ ବୋର୍ଡ ସ୍କ୍ୱାର୍ଡ ବ୍ୟତୀତ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨ଟି ଓ ଜିଲାପାଳଙ୍କ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର ପ୍ରାୟ ୧ ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ମାଟ୍ରିକ ପରୀକ୍ଷାର ସୁପରିଚାଳନା ପାଇଁ ସମସ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ତାଲିମ ଏବଂ ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଗୁରୁବାର ସୂଚନା ଦେଇଛନ୍ତି। ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଢେଙ୍କାନାଳ ଜିଲା ସଦର ବ୍ଲକ ବଳଭଦ୍ରପୁର ଗ୍ରାମ ଭାନିରାମ ମଡେଲ ହାଇସ୍କୁଲ ଏକମାତ୍ର କେନ୍ଦ୍ର ହୋଇଥିବା ସୂଚନା ଦିଆଯାଇଛି। ସେହିପରି ପରୀକ୍ଷା ସୁପରିଚାଳନା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତି କେନ୍ଦ୍ରରେ ଜଣେ ଲେଖାଏ ଅବଜରଭର ପରୀକ୍ଷା ସରିବା ପର୍ଯ୍ୟନ୍ତ ରହିବେ। ମାଜିଷ୍ଟ୍ରେଟ୍, ପୋଲିସ ଅଧିକାରୀ ଓ ସଶସ୍ତ୍ର ଫୋର୍ସ ମୁତୟନ କରାଯିବ। ପ୍ରଶ୍ନପତ୍ର ରଖାଯିବାକୁ ଥିବା ନୋଡାଲ କେନ୍ଦ୍ରଗୁଡିକରୁ ୮ ବ୍ଲକରେ ୨୪ଟି ଡେସ୍‌ପାଚ୍ ଟିମ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ରକୁ ପହଞ୍ଚାଇବା ପାଇଁ ବ୍ୟବସ୍ଥା ହୋଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।




- ୨୦ରୁ ଆରମ୍ଭ ହେଉଛି ମାଟ୍ରିକ୍ ପରୀକ୍ଷା
- ସମସ୍ତ କେନ୍ଦ୍ରରେ ଲାଗିଲା ସିସିଟିଭି କ୍ୟାମେରା
- ମୋବାଇଲ ମନା, ୫୦ ଦୁର୍ଗମ ଓ ଉତ୍ତେଜନାପ୍ରବଣ କେନ୍ଦ୍ର

